# ପିଲାଙ୍କ କଥା
## (କୋୟା)
## ତୃତୀୟ ଭାଗ



# ପିଲାଙ୍କ କଥା (କୋୟା)
## ତୃତୀୟ ଭାଗ

ବହୁଭାଷୀ ଶିକ୍ଷଣ କାର୍ଯ୍ୟକ୍ରମ ଅଧୀନରେ ପିଲା ଓ
ଶିକ୍ଷକ ନିମନ୍ତେ ଅତିରିକ୍ତ ପୁସ୍ତିକା




ପ୍ରସ୍ତୁତି
କୋୟା ସଂସାଧକ ମଣ୍ଡଳୀ

ସଂଯୋଜନା
ଡ଼ଃ ପରମାନନ୍ଦ ପଟେଲ

ଅଳଙ୍କରଣ
ସୁନିଲ୍ କୁମାର ଡାକୁଆ



ସହାୟତା
ୟୁନିସେଫ୍, ଓଡ଼ିଶା

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର



**Prepared by :**
Koya Resource Group

**Co- ordinater :**
Dr. Paramananda Patel

**Illustration by :**
Sunil Kumar Dakua



**Supported by :**
UNICEF, Odisha

**Organised by :**
Academy of Tribal languages & Culture
ST & SC Development Department,
Govt. of Odisha, Bhubaneswar

# ଚାଲାକ୍ ମୁତ୍‌ତେ (ଚତୁର ସ୍ତ୍ରୀ)

ନାରଗେ ଦିନାନ୍ ମନ୍ନେ ମାଲ୍ୟବନ୍ତ ଗାଡିୟୁତାଗ୍ ଅରଣ୍ଡ ଶୁକ୍ରା ୱ୍ୱାଡ୍ଡେ ନୁ ଉନ୍ ମୁତ୍‌ତେ ମାତ୍‌ତର । ଅନ ମୁତ୍‌ତେନ୍ ପେଦେର ନାନ୍ଦେଲ । ଶୁକ୍ରାୱ୍ୱାଡେ ସାରେଦାମ୍ ୱ୍ୱେରେ ଆଲସ ମାନନଣ୍ଡ । ଆଦିନ ମାଇଦିଙ୍କ ଅପ୍‌ୱ୍ୱାଦ୍ ମାତ୍ ଇନୋଣ୍ଡ । ଅକରୋଜ୍ ଅରଣ୍ଡ୍ କୃଷକ୍ ଡାଗିନ୍ ମାଇଦିଙ୍କ୍ ମାତ୍ ଅଦାନୋଙ୍କ୍ ୱ୍ୱାତତ୍ଣ୍ଡ । ଆସୁଟ ଅଣ୍ଡୟ୍ ଡକରିଲ୍ ୱ୍ୱାସ୍ ଏୱ୍ୱତ୍‌ତା । ଡକରୀନ୍ ପର୍ କମ୍ପା କାରଗ୍ ଉରଙ୍ଗୀ ରାଲତାଙ୍କ୍ କନ୍ନୁ ଖାଇ ନୁରୟୀ ଆତ୍‌ତା । ଶୁକ୍ରାୱ୍ୱାଡ୍ଡେ ମୁନେତ୍ ଲେକାମ ସୁରଦେ କାଇଦଙ୍କ କଇସିତନ୍ । କାଇଦିଙ୍କ କଇସ୍ ମିକା ଡାଗିନାଦ୍ ଔଷଧ ଇତ୍‌ତଣ୍ଡ । ଇ ଘଟଣାତ୍ ପେରକେ ନାରୁନ୍ ପୁଞ୍ଜମିକା ମାତ୍‌ତିଙ୍କ ବାରେ ୱ୍ୱାୱ୍ୱର । ନାରୁନ୍ ୱ୍ୱାୱ୍ୱ ମାଇଦିଙ୍କ ଶୁକ୍ରା ୱ୍ୱାଡ୍ଡେ ଗୋରୀବ ଆତତଣ୍ଡ । ନାନ୍ଦେଲ ଉଙ୍କ ଗାଟ୍‌ଟେ କପ୍ପାମ୍ ଆତ୍‌ତା । ଶୁକ୍ରାୱ୍ୱାଡ୍ଡେ କେଲକଟ୍ କେଞ୍ଜୋ ମାତ୍‌ତଣ୍ଡ ।

ବହୁତ ଦିନ ତଳେ ମାଲ୍ୟବନ୍ତ ନଗରୀ ଠାରେ ଜଣେ ଗୁଣିଆ ଶୁକ୍ରା ଓ ତାଙ୍କ ସ୍ତ୍ରୀ ରହୁଥିଲେ । ତାଙ୍କ ସ୍ତ୍ରୀଙ୍କ ନାମ ନାନ୍ଦେ । ଶୁକ୍ରା ଗୁଣିଆସବୁବେଳେ ଅନ୍ୟ ମନସ୍କ ରହୁଥିଲେ । ସେଇଥିପାଇଁ ଖରାପ ଔଷଧ ଦେଉଥିଲା । ଦିନେ ଜଣେ ଚାଷୀ କାଶ ଔଷଧ ନେବା ପାଇଁ ଆସିଥିଲା । ଏତିକି ବେଳେ ଗୋଟିଏ ବୁଡି ପହଞ୍ଚିଲା । ବୁଡୀ ଉପରେ ଡାଳଭାଙ୍ଗି ଯିବାରୁ ଡାହାଣ ହାତର କହୁଣୀ ଗୁଣ୍ଡ ହୋଇଗଲା । ଶୁକ୍ରା ଗୁଣିଆ ପୂର୍ବ କାଳର ପରୀ ଛୁରୀରେ ହାତକୁ କାଟି ଦେଲା । ହାତକୁ କାଟି କାଶ ଔଷଧ ଦେଲା । ଏହି ଘଟଣା ଲୋକମାନେ ଜାଣି କେହି ଔଷଧ ପାଇଁ ଗଲେ ନାହିଁ । ଲୋକମାନେ ଆସୁନଥିବାରୁ ସେ ଗରୀବ ହେଇଗଲା ।  ନାନ୍ଦେ ତାକୁ ବହୁତ ରାଗିଲା । ଶୁକ୍ରା ଗୁଣିଆ କିଛି ନ କହିକି ତୁନି ହୋଇ ଶୁଣୁଥିଲା ।





ବେସୁ ରୋଜ୍‌କିନ ପେରକେ ନାନ୍ଦେଙ୍କ ଶୁକ୍ରାଓ୍ୱାଡ୍ଡେ କେତ୍‌ତକୋ- ବେସୁ ରୋଜ୍‌କିନ ପେରକେ ନାନ୍ଦେଙ୍କ ଶୁକ୍ରାଓ୍ୱାଡ୍ଡେ କେତ୍‌ତନ୍ । ନିମ୍ମା ରାଜାନ୍ ଗାରେ ଆଞ୍ଜୀମିକା ବାତା ଇଷ୍ଟାମ୍ ଆଦ୍ ତାଲ୍‌ପା ପାର୍‌ଦିତିନ୍ । ଉଣ୍ଡ ନେଲା ଲେକାତ ମାତ୍‌କେ ନିକିଙ୍କ୍ ବା-ତା-ୟା ଇତଣ୍ଡ ।ଶୁକ୍ରା ଓ୍ୱାଡ୍ଡେ ରାଜନଗରତା ପାଖା ପେୟତଣ୍ଡ୍ । ରାଜନଗର ତାଗ୍ ମୁନି ନାରୁନ୍ କୁଦି ମାତ୍‌ତର । ଶୁକ୍ରାଓ୍ୱାଡ୍ଡେ ଆଗ୍ ଆଞ୍ଜ୍ ଏଓ୍ୱତ୍‌ତଣ୍ଡ୍ ।ବାତା ତାଲ୍‌ପିତାନ ନାକିଙ୍ଗ୍ ଆଦ୍ ଇମ୍ ଇଞ୍ଜୀ ରାଜାଙ୍କ୍ କେତ୍‌ତାନ୍ । ରାଜାଲ୍ କେତ୍‌ତଣ୍ଡ୍ ନିକ୍ ନାନ୍ନା ବା'ତା ଇଦ୍ ପାରଦିତାନ୍ । ରାଜାଲ୍ ମନ୍ତ୍ରୀ ଉଡି କେତ୍‌ତଣ୍ଡ ? ଇଙ୍କ ଇଲୋଟ ପଡିଇଏ ଇମୁଟ ବେଲାକି ବେନୋର ବାରେ ତାଙ୍କ ଗାରେ ଆଦାନଙ୍କ ଇଷ୍ଟାମ ତୁଙ୍ଗ୍‌ର । ନ୍ । ନିମ୍ମା ରାଜାନ୍ ଗାରେ ଆଞ୍ଜୀମିକା ବାତା ଇଷ୍ଟାମ୍ ଆଦ୍ ତାଲ୍‌ପା ପାର୍‌ଦିତିନ୍ । ଉଣ୍ଡ ନେଲା ଲେକାତ ମାତ୍‌କେ ନିକିଙ୍କ୍ ବା-ତା-ୟା ଇତଣ୍ଡ ।ଶୁକ୍ରା ଓ୍ୱାଡ୍ଡେ ରାଜନଗରତା ପାଖା ପେୟତଣ୍ଡ୍ । ରାଜନଗର ତାଗ୍ ମୁନି ନାରୁନ୍ କୁଦି ମାତ୍‌ତର । ଶୁକ୍ରାଓ୍ୱାଡ୍ଡେ ଆଗ୍ ଆଞ୍ଜ୍ ଏଓ୍ୱତ୍‌ତଣ୍ଡ୍ ।ବାତା ତାଲ୍‌ପିତାନ ନାକିଙ୍ଗ୍ ଆଦ୍ ଇମ୍ ଇଞ୍ଜୀ ରାଜାଙ୍କ୍ କେତ୍‌ତାନ୍ । ରାଜାଲ୍ କେତ୍‌ତଣ୍ଡ୍ ନିକ୍ ନାନ୍ନା ବା'ତା ଇଦ୍ ପାରଦିତାନ୍ । ରାଜାଲ୍ ମନ୍ତ୍ରୀ ଉଡି କେତ୍‌ତଣ୍ଡ ? ଇଙ୍କ ଇଲୋଟ ପଡିଇଏ ଇମୁଟ ବେଲାକି ବେନୋର ବାରେ ତାଙ୍କ ଗାରେ ଆଦାନଙ୍କ ଇଷ୍ଟାମ ତୁଙ୍ଗ୍‌ର ।

କେତେଦିନ ପରେ ଶୁକ୍ରା ଗୁଣିଆ୍ ନାନ୍ଦେକୁ କହିଲା । ତୁ ରାଜା ପାଖରେ ଯାଇ ଯାହା ମାଗି ପାରିବୁ ହେଲେ ମାଗେ ।ସେ ଭଲ ମନରେ ଥିଲେ ତୁମକୁ କିଛି ସାହାଯ୍ୟ କରିବ । ଶୁକ୍ରା ଗୁଣିଆ ରାଜନଗରକୁ ବାହାରିଲେ । ରାଜନଗରେ ମୁନୀ ରୁଷୀମାନେ ବସିଥିଲେ । ଶୁକ୍ରାଗୁଣିଆ ସେଇଟି ଯାଇ ପହଞ୍ଚି କହିଲା । ଯାହା ମାଗିବି ତାହା ମୋତେ ଦିଅ ବୋଲି ରାଜାକୁ କହିଲା । ରାଜା କହିଲେ ତମକୁ ମୁଁ କ'ଣ ଦେଇଁ ପାରିବି ? ତା' ପରେ ରାଜା ମନ୍ତ୍ରୀକୁ ପଚରିଲେ ? ତାକୁ ଏମିତି ଜାଗା ଦିଅ ଯେମିତିକି କେହି ମଧ ସେହି ଜାଗାକୁ ଯାଉନ ଥିବେ ।

ଶୁକ୍ରା ଓ୍ୱାଡ୍ଡେ ଲୋନ ଓ୍ୱାସ ନାନ୍ଦେଙ୍କ କେତତଣ୍ଡ ଯେ-ଆଗା ନିମ୍ମା ଆଦାନଙ୍କ ଇଷ୍ଟାମ ମିନ୍ତେ କି ଇଲ୍ଲା । ନାନ୍ଦେଲ ଆ ପଡିଆତାଗ୍ ଆଦନଙ୍ଗ ବାତାବାଡ୍ ଆଲସଓ୍ୱା ମାତ୍‌ତା ।ମାରେଗ୍ ଇରଓ୍ୱୁର ଆସ୍‌କି ଆ-ଜାଗାତିଙ୍କ ଉଡାନାଙ୍କ ଆତ୍‌ତର୍ ।ଆଦ ବୁମ ତାଗ୍ ଆସାମ ଖୋୟେନୁ କାଲକ୍ ନାରଗେ ମାତ୍‌ତା । ନାନ୍ଦେଲ କେତ୍‌ତା ଯେ, ନାନା ବେଲା କେତିତାନ ଆଦ ପୁଟୁଙ୍ଗ ମାଡିକାଲ । ନାନ୍ଦେଲ ଅଡ ଅଡ ଆପାଖା ନୁ ଇପାଖା ବୁସତୁଙ୍ଗ୍ ପରିକ୍ଷା କିଦାନୋଙ୍କ ପୋଇସ୍‌ପିତା ।

ଶୁକ୍ରା ଗୁଣିଆ ଘରେ ଆସି ନାନ୍ଦେକୁ କହିଲା ଯେ ସେହି ଜାଗାରେ ଯିବାକୁ ଖୁସୀ ଅଛୁକି ନାହିଁ । ନାନ୍ଦେ ସେହି ଜାଗାକୁ ଯିବା ପାଇଁ କିଛି ଚିନ୍ତା ବି କରିନଥିଲା । ଶେଷରେ ଦୁଇଜଣ ସେହି ଜାଗାକୁ ଦେଖିବାକୁ ଗଲେ । ସେହି ଜମିରେ କଣ୍ଟା ଓ ପଥର ଭର୍ତ୍ତି ଥିଲା । ମୁଁ ଯେମିତି କହିବି ସେଭଳି କାମ କରିବା ବୋଲି ସ୍ୱାମୀକୁ କହିଲା । ନାନ୍ଦେ ଚାରିପଟେ ଜମିକୁ ପରିକ୍ଷା କରିବା ପାଇଁ ଆରମ୍ଭ କଲା । କେତେଜଣ ବାଲୁଙ୍ଗା ଟୋକା ସେହି ରାସ୍ତା ଦେଇ ଯାଉଥିଲେ ।



ଆସକେ ବେସଓ୍ୱୁଡ୍ ଡଙ୍ଗଲ୍ଡ ଆ – ଆର ପୋଇସ ଆଞ୍ଜୀ ମାତ୍ତର । ମୁ ଜାଲ-ମୁତେ ବୁମ୍ତାଙ୍ଗ୍ ବାତା ମେହେକୋ ମିନ୍ତେର ଇଞ୍ଜୀ ଅର୍ ଆଲସତର୍ । ଆଦିଙ୍କ ଡଙ୍ଗା ସର୍ଦାର ଗୁରାମ ନୁନଚି ଡିଗଗି କେତତଣ୍ଡ ବାତା ମାପତିର କି ? ନାନ୍ଦେଲ ଓ୍ୱେଦ୍ ଓ୍ୱେଦ୍ ଆସ କେତ୍ତା । ଇଲ୍ଲୁ ଇଲ୍ଲୁ ବାତା ବାରେ ମାୟ ଇଞ୍ଜୀ କେତତା ? ଆଦିଙ୍କ ଉଣ୍ଡ ନାନ୍ଦେଙ୍କ୍ ଜୀଦ୍ କୀସ କେତ୍ତଣ୍ଡ । ନାନା ବାତା କେତିତାନ୍ ଆଓ୍ୱ ବେନାଙ୍କ୍ କେଲମା । ନା ତାତାଲ୍ ନିନ୍ନ ଡଲି ଆତଣ୍ଡ । ଡଲା ନାସୁଙ୍କ ମାକିଙ୍କ୍ କେତତନ୍ ଇଦ ବୁମ୍ତାଗ୍ କୁଣ୍ଡା ବିନ୍ଧି ସୋନ୍ ଇ ବୁମତାଗ୍ ମିଶିତ୍ଣ୍ଡ ।ଆଦିଙ୍କ ମାମ୍ବା ଆଦ୍ ଆଲସୋ ମିନ୍ଦେମ ।

ସ୍ୱାମୀ-ସ୍ତ୍ରୀ ଜମିରେ କ'ଣ ଖୋଜୁଛନ୍ତି ବୋଲି ସେମାନେ ଭାବିଲେ ।ସର୍ଦ୍ଦାର ଘୋଡାରୁ ତଳେ ଓହ୍ଲାଇ କହିଲା, "ତୁମର କ'ଣ ହଜି ଗଲାକି" ? ନାନ୍ଦେ ତାକୁ ଦେଖି ଚମକି ପଡି କହିଲା ।ନାହିଁ ନାହିଁ ଆମର କିଛି ହଜି ନାହିଁ ? ଜିଦ୍ କରିବାରୁ ନାନ୍ଦେକୁ କେତୋଟି କଥା କହିଲା ।ମୁଁ ଯାହା କହିବି ତାହା କାହାକୁ କହିବ ନାହିଁ ।ଆମ ଅଜା କାଲି ମରିଗଲା । ମରିବା ପୂର୍ବରୁ କହିଲେ ଯେ – ଏହି ଜମିରେ ୩ ହାଣ୍ଡି ସୁନା ପୋତି ଦେଇଛି । ସେଇତି ପାଇଁ ଆମେ ଚିନ୍ତା କରୁଛୁ ।ସର୍ଦ୍ଦାର ଏହି କଥାକୁ କାହାକୁ କହିବି ନାହି ବୋଲି ଶପଥ କଲା । ତା'ପରେ ସ୍ୱାମୀ ସ୍ତ୍ରୀ ଘରକୁ ଫେରି ଆସିଲେ ।



ସର୍ଦ୍ଦାର ଇ ଗଟ ବେନୋଙ୍କ ବାରେ କେଲନ୍ ଇଞ୍ଚୀ ଶପଥ ଅତତ୍ର । ତାନ୍ ପେରେକେ ମୁତ୍ତେ ଇରଓ୍ବୁଡ ଲୋନ ମାଲସ ଓ୍ବାତଡ଼ । ମେନଣ୍ଡ ଦିନାମ୍ ବୁମ୍ ଉଡାନଙ୍କ ଆଁତ୍ତଡ୍ । ଆଗାତ ବାତା ଉଡତର ଆଦ୍ ଉର୍ ବିଶ୍ୱାସ କିଓ୍ବର୍ । ବୁମ୍ ଏକାମ୍ ଡେଓ୍ବି ଆତ୍ତା । ନାନ୍ଦେଲ ତାନ ମୁଦପାଙ୍କ କେତତ୍ା, ସୋନକୁଣ୍ଡା ନିଣ୍ଡୁଗ୍ ଗଟି କେସ୍ ନାନା ଉରକୁ ବଲଲି ତାନ । ମାରେଙ୍ଗ୍ ଅର୍ ଓ୍ବିଜା ଜାଲତର୍ । ସାଏ ଆନାମ୍ ବୁମ୍ତାନ୍ ପାଣ୍ଡିତା ।

ଆର ଦିନ ପୁଣି ଜମି ଦେଖିବାକୁ ଗଲେ । ସେହି ଜାଗାରେ ଯାହା ଦେଖିଲେ ତାହା ବିଶ୍ୱାସ କଲେନାହିଁ । ଜମି ସବୁଆଡେ ଖୋଲା ହୋଇଯାଇଛି । ନାନ୍ଦେ ତା ସ୍ୱାମୀକୁ କହିଲା ଯେ ସୁନା ହାଣ୍ଡି ଭର୍ତ୍ତି ଅଛି ବୋଲି କହି ସର୍ଦ୍ଦାରଙ୍କୁ  ମିଛ କଥା କହିଥିଲି । ଶେଷରେ ସେମାନେ ଜମିରେ ବିହନ ବୁଣିଲେ । ସୁନ୍ଦର ଫସଲ ଜମିରେ ଫଳିବା ଦେଖି ସେମାନେ ଖୁସି ହେଲେ ।



# ଗୁପେତ ମାନସୁନ / ପାନ୍ତା ମାନେଇ
# (ଜଙ୍ଗଲୀଆ ମଣିଷ)

ଡେଗାଡ଼୍ ନାଟେନ ପିକିର୍ ସିଲାକାଟା ନାରଦାଗ ପେଣ୍ଡୁଲ ଆସ୍ମାତ୍‌ତା । ପୟେ ମୀମାନ୍ ଲୋନ୍ ମାନ୍ଦାନଙ୍କ ଇଷ୍ଟାମ ଇଲ୍ଲୁ । ଦିନାଲ୍ ଆଦ୍ ତାମ୍ ଲୋନ ମିରି ମିରି ଆନ୍‌ନୋର୍ । ମିରା ନା ସୁଟ ଆର୍‌ଦେ ଗୁପତାଗ୍ କଞ୍ ବେସଓ୍ୱର ପେକୋଡ ପେଇତ୍‌ର ।



ଡେଗାଡି ଗାଁର ଝିଅ ସିଲାକାଟା ଗାଁକୁ ବିବାହ ହୋଇଯାଇଥିଲା । ଶାଶୁ ଶଶୁର ଘରେ ରହିବାକୁ ତାର ଇଚ୍ଛାନଥାଏ । ସେ ସବୁଦିନ ତାଙ୍କ ଘରକୁ ଧାଇଁ ଧାଇଁ ଯାଏ । ଧାଇଁବା ସମୟରେ ସେହି ଜଙ୍ଗଲରୁ କେତେ ଜଣ ମଣିଷ ବାହାରିଲେ ।

ନାରୁଙ୍କ୍ ଉଡି ପିକିର ମାଡତ୍ ପର ତାର୍ତା ।ମାଡତାଗ ତାରି ଆଦ୍ କେୟନକ ଆରମ୍ଭ ମାଡ୍ତା । ତାକିଂଗ୍ ଗୁପେତ ନାରୁନ୍ ଉଡୱେ ମାତ୍ତର୍ । ଆଦ୍ କକାଡ଼ କେୟାନାଦ୍ କାଣ୍ଡ୍ରି ଅରନ୍ ପର ରାଲ୍ତା । ଗୁପେତ୍ ନାରୁନ୍ କାଣ୍ଡ୍ରି ନାକୁଡତ୍ର  । ଆଦ ଗାଟି ମିଙ୍ଗି ମାନ୍ନର । ତାନ ପେରକେ ବାନ ମାନେୟ ପର ଉତତଣ୍ଡ ।ପର ଉଡତା ସୁଙ୍କ୍ ପିକିର କମା ତାଗ କୁଦି ମିନ୍ତେ ।ତାନ ପେରେକେ ଅର କକାଡ ତିଙ୍ଗ କେତତ୍ର ।

ଲୋକଙ୍କୁ ଦେଖି କନ୍ୟା ଗଛ ଉପରକୁ ଚଢ଼ିଗଲା । ଗଛ ଉପରକୁ ଚଢ଼ି ସେହି କନ୍ୟା କାନ୍ଦିବାକୁ ଆରମ୍ଭ କଲା । ବଣ ମଣିଷମାନେ ତାକୁ ଦେଖି ନଥିଲେ ।  ସେହି କନ୍ୟା କାନ୍ଦିବାରୁ ଲୁହ ବଣ ମଣିଷ ଉପରେ ପଡିଲା । ବଣ ମଣିଷ କନ୍ୟାର ଲୁହକୁ ଚାଖି ଦେଖିଲା ।ସେଇଟା ବହୁତ ସୁଆଦ ଥିଲା । ତା'ପରେ ବଣ ମଣିଷ ଉପରକୁ ଚାହିଁଲା ।ଉପରକୁ ଚାହିଁଲା ବେଳେ କନ୍ୟାଟା ଡାଳ ଉପରେ ବସିଅଛି । ତା'ପରେ କନ୍ୟାକୁ ତଳକୁ ଓହ୍ଲାଇବାକୁ କହିଲେ ।



ଆସୁଟ୍ କକାଡ ନେଲ୍ ଡିଗ୍ତା ।ନେଲ ଡିଗତାଦ୍ ଉଡି କକାଡ ତିଙ୍କ ସାରେ ମାଟା ପୁସ୍ କିତ୍ତର୍ ।ଆଦ ସାରେ ଦ୍ରୂକାମ୍ ମାଟା କେତ୍ତା । କକାଡତିଙ୍ଗ ମିଓ୍ୱା ଲନ ଆନ ଇଞ୍ଜୀ କୈତ୍ତର ।ମାମ୍ମ ଗୁପତାଗ ମିନ୍ଦେମ୍ ଇଞ୍ଜୀ ବେନଙ୍କ ବାରେ କେଲ୍ମା ।କକାଡ ଲୋନ ଆନ୍ ସାରେ ଗୋଟି କେସିତ୍ତା ।

ସେତେବେଳେ କନ୍ୟା ତଳକୁ ଓହ୍ଲାଇଲା । ତଳେ ଓହ୍ଲାଇଲା ପରେ କନ୍ୟାକୁ ସବୁ କଥା ପଚାରିଲେ । ସେ କନ୍ୟା ସବୁ ଦୁଃଖ କଥା କହିଲା । ତୁ ଏବେ ତୁମ ଘରକୁ ଯା ବୋଲି କହିଲେ । ଆମେ ଜଙ୍ଗଲ ଭିତରେ ଅଛୁ ବୋଲି କାହାକୁ କହିବାକୁ ମନା କଲେ । କନ୍ୟା ଘରେ ଯାଇ ସବୁ କଥା କହିଦେଲା ।



# ରେୟା କିକେତ୍ ମାଟା
# (ଚିଙ୍ଗୁଡ଼ିମାଛର କଥା)

ଅଣ୍ଡୟ୍ ଲୋନ୍ ୟାୟୋ, ମାର୍ ନୁ ମାୟାଡ୍ ବାଦ୍‌କ ମାତ୍‌ତଡ । ପେକାନ୍ ପେଦେର୍ ମାର ଏବଂ ପିକତ୍ ପେଦେର୍ କଣ୍ଡେଇ ।

ଗୋଟିଏ ପରିବାରର ମା, ପୁଅ ଏବଂ ଝିଅ ତିନିଜଣ ବାସ କରୁଥିଲେ । ପୁଅର ନାମ ମାର ଏବଂ ଝିଅର ନାମ କଣ୍ଡେଇ ।



ମାର ସାର୍‌ରେ ଦିନା ଡଡା ତିଞ୍ଜ୍ ବୁମ୍‌ଦାଗ୍ ମାନ୍ଦାନ୍ ଡଡ୍ ତାଗ୍ ଆଞ୍ଜ୍ ଉଞ୍ଜ୍‌ନନ୍ ଏବଂ ମଞ୍ଚା ପାଖରେ ଅରଟ୍ ଗୁଇନ୍ଦାତାଗ୍ ଏର୍ ମାତ୍‌ତା । ଆଗ୍ ଦିନାଲ୍ ଏର୍ ମିନନ୍ । ଅଣ୍ଡ୍ ଏର୍‌ଦ୍ ଲୋପେ ବାତ୍‌ତା ମାତି ମାନ୍ଦାନାଦ୍ ଉଡ୍‌ତନ୍ । କିନ୍ତୁ ବା'ତା ଜଣା ପଡେମ୍ ଆୟ୍‌ୟୋ ।

ମାର ସବୁଦିନ ଖାଇସାରି ବିଲରେ କରାଯାଇଥିବା ମଞ୍ଚାରେ ଯାଇଶୁଏ ମଞ୍ଚା ପାଖରେ ଗୋଟିଏ ଖାଲରେ ପାଣିଥାଏ । ସେଠାରେ ପ୍ରତ୍ୟେକ ଦିନ ଗାଧାଏ ।ଥରେ ସିଏ ଦେଖିଲା ଯେ ପାଣି ଭିତରେ କ'ଣଟିଏ ତାକୁ ଦେଖିଲେ ପଶି ଯାଉଛି । କିନ୍ତୁ କିଛି ଜାଣିପାରେ ନାହିଁ ।



ଆଦ୍‌ଦେ ଲେକ୍ ବେସ୍‌କ୍ ଦିନା ଉଡ୍‌ତଣ୍ଡ ତା'ନ୍ ପେର୍‌କେ ମନେ ମନେ ଚିନ୍ତା କିତ୍‌ତନ୍ ଯେ, ଦା'ତାନ୍ ୱାଲା ତାସ୍ ଏସୁଡ୍‌ଇତାନ୍ ତିନ୍ ଲୋପେ ବାତ୍‌ତା ମିନତେ । ଇଦ୍‌ଚିନ୍ତା କିସ୍ ଅଣ୍ଡ୍ ଘରକୁ ୱାତ୍‌ତଣ୍ଡ୍ ତାନ୍ ପେର୍‌କେ ଅଣ୍ଡ୍ ୱାଲା ଅସ୍ ଆତ୍‌ତଣ୍ଡ । ଆସୁଟ ରେୟ୍‌ୟା କିକେ ଇଞ୍ଜୀ ପୁତ୍‌ତାନ । ଆଦ୍‌ଦିଙ୍କ୍ ଆଦ୍ ଏର୍‌କଞ୍ ୱାସ୍ ମଞ୍ଚାତ୍ ପର୍‌ରୋ ଆଞ୍ଜୀପାଟ୍‌ଟି ମାତ୍‌ତା ।

ଏହିପରି କେତେଥର ଦେଖିବା ପରେ ସେ ମନେ ମନେ ଭାବିଲା ଯେ, ଯାଉଛି ଜାଲ ଆଣି ମାରି ଦେଖିବା ଏହା ଭିତରେ କଣ ରହୁଛି । ଏହା ଭାବି ସେ ଘରକୁ ଆସିଲା ତା'ପରେ ସେ ଜାଲ ନେଇକରି ଗଲା । ଏହା ଚିଙ୍ଗୁଡ଼ି ଜାଣିପାରିଲା । ତେଣୁ ସେ ପାଣିରୁ ବାହାରି ଆସି ମଞ୍ଚା ଉପରେ ଥିବା ସପରେ ଶୋଇ ରହିଲା ।



ମାରା ୱାତ୍‌ତାସୁଟ୍ ଅଙ୍କ୍‌କିଙ୍ଗ୍ କେତ୍‌ତା ମୋତେ ତୁମେ ମାର ନାହିଁ । ନିମ୍ମ୍ ବାତତା   ତାତ୍‌ତିନ ତିନ୍ଦାନ୍ନଙ୍କ୍ ଇମ୍ । ତା'ନ୍ ପେର୍‌କେ ମାରା  ତଂାକୁ ମାରିଲା ନାହିଁ ଏବଂ ଲୋନ୍ ୱାସ୍ ତଂାକୁ ମଞ୍ଚା ତ୍ ପର ୱାଟିତ୍‌ର ।ଲୋନ୍ ମିକା ବେନୋଙ୍କ ବା'ତା କେଲୋନ୍ । ତା'ନ୍ ପେର୍‌କେ ସବ୍‌ଦିନ୍ ଲୋନ୍‌କଞ୍ଚ ଖାଇବାକୁ ଆନୋନ୍ ।  ଇର୍‌ୱର୍ ଆଗ୍ ତିନ୍‌ନର୍ ।

ମାରା ଆସିଲାରୁ ତାକୁ କହିଲା ମୋତେ ତୁମେ ମାର ନାହିଁ ।  ମୋତେ ତୁମେ ଯାହା ଆଣିଛ ଖାଇବାକୁ ଦିଅ । ଏହାପରେ ମାରା  ତାକୁ ମାରିଲା ନାହିଁ ଏବଂ ଘରକୁ ଆସିଲା, ତାକୁ ସେହି ମଞ୍ଚ ଉପରେ ରଖିଲା ।  ଘରେ ମଧ କାହାକୁ କିଛି କହିଲା ନାହିଁ । ତା'ପରେ ପ୍ରତ୍ୟେକ ଦିନ ଘରୁ ଖାଇବାକୁ ନେଇ ଦେଇଥାଏ ।ଦୁହେଁ ସେଠାରେ ଖାଆନ୍ତି ।



ଆଲେ ବେସ୍କ୍ ଦିନାନ୍ ପେର୍କେ ମାରାଲ୍ନୁ ତାମ୍ ସାଙ୍ଗାସାଥୀ ପାଗୁନ୍ ମାସତେ ଆନ୍ଦ୍ରା ପଗଆକିଙ୍ଗ୍ ଦାୟାନ୍ ମାଇଦିଙ୍କ୍ ବାହାରିଲେ ।ଅଣ୍ଡ୍ ଆଦ୍ ମା'ଟା ଆନ୍ତେ କେତ୍ତନ୍ ଚିଙ୍ଗୁଡିତିଙ୍କ୍, ଆଦିଙ୍କ୍ ସେହି ଖାଲ ପାଣିତାଗ୍ ଓ୍ୱିଡ୍ସିତ୍ତନ୍ ଅଣ୍ଡ୍ ଆନ୍ଦ୍ରା ଆଦଦାନ୍ ମୁନ୍ନ୍ନେ ତା'ର ମା-ଭଉଣୀତିଙ୍କ୍ କେତ୍ତନ୍, ନାନ୍ ଆତ୍ତା ପେର୍କେ ମିର୍ ମାନ୍ନା ବୁମ୍ଗାର୍ରେ ମାନ୍ଦାନ୍ ଖାଲ ଏର୍କେଞ୍ଚ ବେସୁଟ୍ କିକେ ପୋଇମାଟ୍ ।ତାନ୍ ପେର୍କେ ଅଣ୍ଡ୍ ଆନ୍ଦ୍ରେତା ଆତ୍ଣ୍ଡ୍ ।

ଏହିପରି କିଛି ଦିନ ଯିବାରୁ ମାରା ଏବଂ ତା'ର ସାଙ୍ଗସାଥୀମାନେ ପଗୁ ମାସରେ ଅନ୍ଧ୍ରାକୁ ଧୂଆଁପତ୍ର ପାଇଁ ଯିବାକୁ ବାହାରିଲେ । ସେ ଏକଥା ମଧ୍ୟ ଚିଙ୍ଗୁଡିକୁ କହିଲା ତାକୁ ସେହି ଖାଲ ପାଣିରେ ଛାଡିଦେଲା ସେ ଆନ୍ଧ୍ର ଯିବା ପୂର୍ବରୁ ଘରୁ ଆସି ତା'ର ମା ଓ ଭଉଣୀକୁ କହିଲା, ମୁଁ ଯିବା ପରେ ତୁମେ ଆମ ବିଲ ପାଖରେ ଥିବା ଖାଲ ପାଣିରୁ କେବେ ମାଛ ଧରିବ ନାହିଁ ତା'ପରେ ସେ ଆନ୍ଧ୍ରକୁ ଗଲା ।



ତାନ୍ ପେର୍‌କେ ଓ୍ୱେସେ କାଲାମ୍‌ତେ ଏର୍ ଇଡକ୍‌ତା । ଏର୍ ଏକାମ୍ ଧିରେ ଧିରେ ଇଡକ୍‌ତା । ମାରାନ୍ ୟାୟୋନ୍ ଏଲାଡ୍ ସେଇ ଖାଲତାଗ୍ ଆଞ୍ଜୀ ମାଛ ପଇତ୍‌ତା ।ଚିଙ୍ଗୁଡ଼ି କିକେତିଙ୍କ୍ ମିକା ପଇତ୍‌ର । ରେୟା କିକେ ଅଡ୍‌କିଙ୍କ୍ ବହୁତ୍ କହିଦେଖିଲା । ନାକିଙ୍ଗ୍ ପୟମାଟ୍ । ଆଓ୍ୱେ ତା'ନ୍ ମା'ଟା କେଞ୍ଜୀକଟ ଘରକୁ ଆଣିଲେ । ଲୋନ୍ ତାତ୍‌ତା ପରେ ମିକା ଆଓ୍ୱକାନଙ୍କ୍ ମନା କିସୁଡ୍‌ତତା । ମାତ୍ର ଆଓ୍ୱ କେଞ୍ଜୀକଟ ତାକୁ ମାରି ତରକାରି କଲେ ।

ତା'ପରେ ଖରା ଦିନେ ପାଣି ଶୁଖିଗଲା । ପାଣି ସବୁଆଡେ ଧିରେ ଧିରେ । ମାରାର ମା ଓ ଭଉଣୀ ସେଇ ଖାଲରେ ଯାଇ ମାଛ ଧରିଲେ । ଚିଙ୍ଗୁଡି ମାଛକୁ ମଧ୍ୟ ଧରିଲେ । ଚିଙ୍ଗୁଡି ମାଛ ତାଙ୍କୁ ବହୁତ କହିଦେଖିଲା । ମୋତେ ଧରନାହିଁ । ସେମାନେ ତା'ର କଥା ନ ଶୁଣି ଘରକୁ ଆଣିଲେ ।ଘରକୁ ଆଣିଲା ପରେ ମଧ୍ୟ ମାରିବାକୁ ମନା କଲା । ମାତ୍ର ସେମାନେ ଶୁଣିଲେ ନାହିଁ ତାକୁ ମାରି ତରକାରୀ କଲେ ।



କୁଟିର୍ ଆଟ୍ତା ପେରକେ କୁଟିର୍ କାଇସ୍ ମାତ୍ତା । ତେଣୁ ଆଦ୍ କୁଟିର୍ ତିଙ୍କ ଅଣ୍ଡୟାଗ୍ ରଖିଥିଲେ ।

ତରକାରି କଲା ପରେ ତରକାରି ପିତା ଲାଗିଥିଲା । ତେଣୁ ସେଇ ତରକାରିକୁ ସେମାନେ ଗୋଟିଏ ଜାଗାରେ ଢାଳି ଦେଇଥିଲେ ।



ତା'ନ୍ ପେର୍‌କେ ଆଦପଡିୟାତାଗ୍ ଗୋଟିଏ ମାର୍କା ଗଛ ପୁଟ୍‌ତ୍‌ତା । ସେଇ ଆମ୍ବ ମାଡାତାଗ୍ ଅଣ୍ଡୟେ ମାର୍କା ଆଦି ମାତ୍‌ତା । ତା'ନ୍ ପେର୍‌କେ ମାରାଲ୍ ଆନ୍ଦ୍ରାକଞ୍ଜ୍ ୱାତ୍‌ତଣ୍ଡ୍ । ଅଣ୍ଡ୍ ଜିନିଷପତ୍ର ନାର୍ ୱାଟି ମଞ୍ଚତାଗ୍ମ ଆତ୍‌ତଣ୍ଡ । ମାତ୍ରମ୍ ଅଣ୍ଡ ଚିଙ୍ଗୁଡିତିଙ୍କ୍ ଦେଖିପାରିଲା ନାହିଁ । ଅଣ୍ଡ୍ ଆଗ୍‌ଗେ କୁଦ୍‌ଦି କେୟମାତ୍‌ତଣ୍ଡ୍ । ଅଙ୍କ୍‌କିଙ୍ଗ୍ ଲୋନ୍‌ତାସ୍ ସବେ ମାଟା କେତ୍‌ତା । ବେସ୍‌କ୍ ଦିନାନ୍ ପେର୍‌କେ କଣ୍ଡେଇ ଆମ୍ବ ତଲିବାକୁ ବାହାରିଲା ।

ତା'ପରେ ସେଇ ଜାଗାରେ ଗୋଟିଏ ଆମ୍ବ ଗଛ ହେଲା । ଗଛରେ ଗୋଟିଏ ମାତ୍ର ଫଳ ଫଳିଲା । ତା'ପରେ ମାରା ଆନ୍ଧ୍ରରୁ ଆସିଲା । ସେ ଜିନିଷପତ୍ର ଗାଁରେ ରଖି ମଞ୍ଚପାଖକୁ ଗଲା ।ମାତ୍ର ସେ ଚିଙ୍ଗୁଡିକୁ ଦେଖିପାରିଲା ନାହିଁ । ସେ ସେଠାରେ ବସି କାନ୍ଦୁଥିଲା । ତାକୁ ଘରକୁ ଆଣି ସବୁ କଥା କହିଲେ । କିଛି ଦିନ ପରେ କଣ୍ଡେଇ ଆମ୍ବ ତୋଳିବାକୁ ବାହାରିଲା



ମାତ୍ରମ୍ ମାର୍କା ଏ ଡାଲରୁ ସେଡାଲତାଗ୍ ତୁଲ୍ଲୋ ମାତ୍ତା । ବେନରକ୍ କଇଦାନଙ୍କ୍ ଦର୍କକଟ୍ ମାତ୍ତା । ମାରା ଆଞ୍ଜ୍ ସେଇ ମାର୍କାତୁଙ୍କ୍ ତୋଲି ପାରିଥିଲା । ତା'ନ୍ ପେର୍କେ ମାର୍କା ସବୁ କଥା ମାରକୁ କହିଲା ।

ମାତ୍ର ଆମ୍ବଟି ଏ ଡାଳରୁ ସେଡାଳକୁ ଡେଉଁଥିଲା । କାହାକୁ ମିଳୁନଥିଲା । ମାରା ଯାଇ ସେଇ ଆମ୍ବଟିକୁ ତୋଳିଲା । ତା'ପରେ ଆମ୍ବ ସବୁ କଥା ମାରାକୁ କହିଲା ।





ମାର୍କା କେତ୍ତା ମାରା ନିମ୍ ନାକିଙ୍ଗ୍ ଗୋଟିଏ ପୁନା ମାଠିଆରେ ପୁନା କପଡ଼ାରେ ମୁସ୍ସି ନେଃମ୍ । ମାର ଆଦ୍ଦେ ରାକାମ୍ କିତ୍ତନ୍ । ବେସକ୍ ଦିନାନ୍ ପେର୍କେ ମାର୍କା ସୁନ୍ଦର ପିକିର୍ ମିଡନ୍ତତା । ଇର୍ଉଡ୍ କାଇଲି ପେଣ୍ଡୁଲ ଆସ୍ କାଓ୍ୱସତୁଲ୍ଲି ମିନତେର୍ ।

ଆମ୍ବ କହିଲା ମାର ତୁ ମୋତେ ଗୋଟିଏ ନୂଆ ମାଠିଆରେ ନୂଆ କପଡାରେ ଘୋଡାଇ ରଖ । ମାର ସେଇ ପରି କଲା । କିଛି ଦିନ ପରେ ଆମ୍ବଟି ସୁନ୍ଦର ଝିଅ ରୂପ ଧାରଣ କଲା । ଦୁହେଁ ବିବାହ ହୋଇ ଖୁସିରେ ରହିଲେ ।

# ବୁଦ୍‌ତାଦ୍‌ ପାଡ୍‌ୟ (ବୁଦ୍ଧିମାନର କାମ)

କୋଲାଗଣ୍ଡା ଜଣେ ଶୁକ୍‌ରା ଓ୍ୱାଡ଼େ ମାତ୍‌ତର । ଗୋଟିଏ ଦିନ ବାତ୍‌ କାମିଙ୍ଗ୍‌ ଯାଉଥିବା ବେଳେ ମଲା ଉପ୍ପେ ଦେଖିଲା । ଶୁକ୍‌ରା ଓ୍ୱାଡ୍‌ଡ଼େ କେତ୍‌ତନ, "ଜଣେ ଲୋକ ଚହିଁଲେ ଏହି ମଲା ଉପ୍‌ପେରୁ ବି ଲାଭବାନ୍‌ ହୋଇ ପାରିବେ ।ଏହି ଗୋଟି ଅର୍‌ରନ୍‌ ଲେୟନ୍‌ କେଞ୍ଚତନ୍‌ ।

କୋଲାଗଣ୍ଡା ଶୁକ୍ରା ନାମରେ ଜଣେ ବଇଦ ଥିଲା । ଗୋଟିଏ ଦିନ କୌଣସି କାମକୁ ଯାଉଥିବା ବେଳେ ମଲା ମୂଷା ଦେଖିଲା । ତା'ପରେ ଶୁକ୍‌ରା କହିଲା, "ଜଣେ ଲୋକ ଚହିଁଲେ ଏହି ମଲା ଉପ୍‌ପେରୁ ବି ଲାଭବାନ୍‌ ହୋଇ ପାରିବେ ।ଏହି କଥା ଜଣେ ଯୁବକ ଶୁଣି ପାରିଲା ।



ଇ ମାଟା ଶୁଣି ଯୁବକଟି ଆଲ୍‌ସତନ୍ । ଓ୍ୱାଡ଼େ କେତ୍‌ତନ କଥା ଆସାମ୍ ହୋଇ ନପାରେ ।ତାନପେରକେ ଲେୟନ୍ ମଲା ଉପ୍‌ପେକୁ ଉଠାଇ ନେଲା । ଲେୟନ୍ ଭାବିଲା । ଏ ମଲା ଉପ୍‌ପେ କ'ଣ କରିବି ? ତାନ ଲତତ୍ ସପେତ୍ ନାନ୍ଦାନ୍ ଓ୍ୱେର୍‌କାଢ଼୍ ପୋଷିଥିଲା । ନାନ୍ଦାନ୍ ଓ୍ୱେର୍‌କାଢ଼୍ ମଲା ଉପ୍‌ପେକୁ ଖାଇଦେଲା ।

ଏହି କଥା ଶୁଣି ଯୁବକଟି ଭାବିଲା ବଇଦ କହିବା କଥା ବୃଥା ହୋଇ ନପାରେ । ଏହାପରେ ଯୁବକଟି ମଲା ମୂଷାଟିକୁ ଉଠାଇ ନେଲା । ଯୁବକଟି ଭାବିଲା ଏ ମଲା ମୂଷାଟିକୁ କ'ଣ କରିବି ?ତାଙ୍କର ଜଣେ ପଡ଼ୋଶୀ ନାନ୍ଦା, ବିରାଡିଟିଏ ପୋଷିଥିଲା । ନାନ୍ଦାର ବିରାଡ଼ି ମଲା ମୂଷାକୁ ଖାଇଦେଲା ।



ତା'ପରେ ଲେୟନ୍ ନାନ୍ଦାକୁ ଇ ମାଟା କେତ୍‌ତର । ନାନ୍ଦାଲ୍ ଲେୟନ୍ କିଛି ଡାବକ୍ ଇତ୍‌ତର । ଲେୟନ୍ ତା'ପରେ କିଛି ମିଠେଇ ଓ ମାଣ୍ଡୁଲ୍ କୁଣ୍ଡା କିଣି ଆଣିଲା । ତାନ ପେରେକେ ଦିନାମ୍ ନାରୁନ ମିଠେଇ ଓ ମାଠିଆରେ ଏର୍ ପଇସ ଦର୍ନାପାଲ୍ ଆରେଓ୍ୱନାଗ୍ ବସିଥିଲା ।

ତା'ପରେ ଯୁବକଟି ନାନ୍ଦାକୁ ଏ କଥା କହିଲା । ନାନ୍ଦା ଯୁବକଟିକୁ କିଛି ପଇସା ଦେଲା । ଯୁବକଟି ତା'ପରେ କିଛି ମିଠେଇ ଓ ମାଠିଆ କିଣି ଆଣିଲା । ତା' ପରଦିନ ଯୁବକ ମିଠେଇ ଓ ମାଠିଆରେ ପାଣି ଧରି ଦର୍ନାପାଲ୍ଲୀ ଡଙ୍ଗା ଘାଟରେ ବସିଥିଲା ।



ଘଣ୍ଟାଏ ପରେ ରାମା ଅଡ଼ା ଓ୍ୱେୟସ୍, ଲେୟନ୍ ଠାରୁ କିଛି ମିଠେଇ ଆସତର୍ ଇଲେକ୍‌କେ ରାମା, ସାମା, ଭୀମା, ନାନ୍ଦା ମିଠେଇ କିଣି ଏର୍ ଉଞ୍ଜ୍  ଆସିଲେ । ଇଦ୍ ପୁଟୁଙ୍ଗ୍ ନାରୁନ୍ ନାରଗେ ଡାବକ୍ ଲାଭ ମାଡତ୍‌ର । ଏହାପରେ ଯୁବକଟି ମିଠେଇ, ଫଳ, ରୋଟି, ଆରି କିଣି ଆଣି ପୁଣି ଆଦ୍  ପଡିୟାତାଗ୍ ବସିଲା ।

ଘଣ୍ଟାଏ ପରେ ରାମା ନୌକା ପରି ହୋଇ ଆସି, ଯୁବକଠାରୁ କିଛି ମିଠେଇ କିଣିଲେ । ଏ ପରି ରାମା, ସାମା, ଭୀମା, ନାନ୍ଦା ମିଠେଇ କିଣି, ପାଣି ପିଇ ଆସିଲେ । ଏହିପରି ଯୁବକଟି ବହୁତ ପଇସା ଲାଭ ପାଇଲା । ଏହା ପରେ ଯୁବକଟି ମିଠେଇ, ଫଳ, ବିସ୍କୁଟ୍ କିଣି ଆଣି ପୁଣି ସେହି ସ୍ଥାନରେ ବସିଲେ ।



କିଛି ସମୟ ପରେ ଜଣେ ଗୁରାକ୍ ୱାମାନର୍ ସେହି ଆର୍‌ଦେ ଆଞ୍ଚୀମାତତ୍‌ର । ବେପାରୀ ଲେୟନ କନସ୍ ଗାଡ୍ ଆସତଣ୍ଡ ମେଣ୍ଡେ ବେସର୍ ପାଇସା ଲେୟନଙ୍କ୍ ଇତ୍‌ତର । ଇଲେକ୍ ଯୁବକଟି ବିଡୟା ବେପାରି ଆତ୍‌ତନ । ଅଣ୍ଡୟ ଦିନାମ୍ ଆଦେ ଆର୍ ଶୁକରା ୱାଡ୍ଡେ ଆଞ୍ଜୋମାତ୍‌ତର ।

କିଛି ସମୟ ପରେ ଜଣେ ଘୋଡ଼ା ବେପାରୀ ସେହି ବାଟ ଦେଇ ଯାଉଥିଲା । ସେହି ବେପାରୀ ଯୁବକ ଠାରୁ ଘାସ କିଣିଲା । ଓ କିଛି ପଇସା ଯୁବକକୁ ଦେଲେ । ଏହିପରି ଯୁବକଟି ବଡ ବେପାରି ବନିଗଲା ।



ସେହି ବାଟ ଦେଇ କେତେ ଜଣ ମାନ୍‌ନେର୍ ଗାଡ୍ ତଅଓସି ଆସୁଥିଲେ । ଅଡକିଙ୍ଗ୍  ବହୁତ କାର୍‌ଓ୍ୱ ହେଉଥିଲା ।ସେମାନେ ଯୁବକଙ୍କଠାରୁ ଆରି ମେଣ୍ଡେ ପାଣ୍ଡି ଖାଇଲେ । କିନ୍ତୁ ଅରାଗ ପାଖରେ ଡାବ୍‌କ ଇଲକଟ ମାତ୍‌ତା ।ତେଣୁ ଓ୍ୱର ଲେୟନ୍‌ଙ୍କ  ଗାଡ୍ ଇତ୍‌ତର ।

ସେହି ବାଟଦେଇ କେତେ ଜଣ ଲୋକ ଘାସ ମୁଣ୍ଡେଇ ଆସୁଥିଲେ । ସେମାନଙ୍କୁ ବହୁତ ଭୋକ ହେଉଥିଲା । ସେମାନେ ଯୁବକଙ୍କଠାରୁ ବିସ୍କୁଟ ଓ ଫଳ ଖାଇଲେ । କିନ୍ତୁ ସେମାନଙ୍କ ପାଖରେ କିଛି ପଇସା ନଥିଲା ।  ତେଣୁ ସେମାନେ ଯୁବକଟିକୁ ଘାସ ଦେଲେ ।



ଯୁବକଟି ଶୁକରା ୱ୍ଵାଡ୍ଡେଙ୍କ୍ ଉଡି ଲୋନ କାର୍ଙ୍ଗି ତାତ୍ତର । ଶୁକରା ୱ୍ଵାଡ୍ଡେ ଯୁବକଟିକୁ ପୁସ୍କିତତ୍ର, ନାକିଙ୍ଗ୍ ଲୋନ୍ ବାତିଙ୍କ୍ କାରଙ୍ଗତର । ଯୁବକଟି କେତଣ୍ଡ ଯେ ନିମ୍ କେସମାନ୍ଦାନ ଗୋଚ୍ଚି ମାଇଦେଙ୍କ୍ ନାନ୍ ନେଣ୍ଡ୍ ବେଡିୟା ବେପାରି ଆ ପାରତାନ୍ ।ଶୁକରା ବଇଦ ସାରେ କେଞ୍ଜି ଅଙ୍କ୍ କାଡମାମ୍ ଇତ୍ତର ।

ଦିନେ ସେହି ବାଟ ଦେଇ ଶୁକରା ବଇଦ ଯାଉଥିଲା । ଯୁବକଟି ଶୁକରା ବଇଦଟିକୁ ଦେଖି ଘରକୁ ଡାକି ଆଣିଲା ।ଶୁକରା ବଇଦ ଯୁବକଟିକୁ ପଚାରିଲା, ମୋତେ ଘରକୁ କାହିଁକି ଡାକିଲା ? ଯୁବକଟି କହିଲ ଯେ ତୁମେ କହିଥିବା କଥା ଯୋଗୁଁ, ମୁଁ ଆଜି ବଡ ବେପାରି ହୋଇପାରିଛି । ଶୁକ୍ରା ବଇଦ ସବୁ ଶୁଣି ତାକୁ ଆଶୀର୍ବାଦ କଲେ ।



# ପାଞ୍ଚ୍ ପାଣ୍ଡ୍ୱାଲର୍ ମାଟା
# (ପାଞ୍ଚ ପାଣ୍ଡବ କଥା)

ଅଣ୍ଡୟ୍ ଦାମ୍ ପୃଥିବୀତ୍ ବୁମ୍ ତାଗ୍ ଅଣ୍ଡୟ ଦିନ ନଦୀତାଗ୍ ବେଡିୟା ବୁଡ୍େଲ୍ ଆସିଲା । ଲୋନ୍ ଦୁଓ୍ୱାଡ୍ ଏର୍ଦେ ଏର୍ଦେ ମୁଡ୍ଦି ଆତ୍ତା । ମାନେଇକ୍ ଏକାମ୍ ବୁଡେଲ୍ ଅତ୍ତା । ଇର୍ଓ୍ୱୁଡ କଓ୍ୱାସିର ଲୋନ୍ କୋୟ୍ତର୍ ଦାଦାଲ୍ ନୁ ଏଲାଡ୍ ଅଣ୍ଡୟ ବଡ଼୍ ଜାଙ୍ଗ୍ ଦୁଦୁ ବୁର୍କତାଗ୍ ଲୋପେ ଅସ୍ତର୍ । ଲାଉତୁମ୍ବା ଏର୍ଦାଗ୍ ପସ୍ପସ୍ ଆତ୍ତା ।ଅର୍ ଆଦ୍ ବୁର୍କା ଲୋପେ ମାତ୍ତର ।ରେଣ୍ଡ ମୁଣ୍ଡ ଦିନାନ୍ ଆତ୍ତା ପେର୍କେ ବୁଡେଲ ତିସତା ।

ଥରେ ପୃଥିବୀ ପୃଷ୍ଠରେ ଗୋଟିଏ ବଡନଦୀ ବଢ଼ି ହେଲା । ଘର ଦ୍ୱାର ପାଣିରେ ବୁଡିଗଲା ।ଲୋକମାନେ ଯିଏ ଯୁଆଡ଼େ ଭାସିଗଲେ । ଦୁଇଟି କବାସି ଘରର କୋୟା ଭାଇ ଓ ଭଉଣୀ ଗୋଟିଏ ବଡ ଲାଉ ତୁମ୍ବା ଭିତରେ ପଶିଗଲେ । ଲାଉତୁମ୍ବାଟି ପାଣିରେ ଭାସି ଭାସି ଚାଲିଲା । ସେମାନେ ସେହି ଲାଉତୁମ୍ବା ଭିତରେ ଥିଲେ । ଦୁଇତିନି ଦିନ ଯିବା ପରେ ପାଣି ଶୁଖିଗଲା ।



ତା'ନ୍ ପେର୍‌କେ ଲାଉତୁମ୍ବା ଅଣ୍ଡୟ୍ ଜାଗାତାଗ୍ ରହିଲା ତା'ନ୍ ପେର୍‌କେ ସମାନେ ଲାଉତୁମ୍ବାତ୍ ଭିତୁର୍ ପେୟତ୍‌ତର । ବେ'ନଙ୍କ୍ କାଇଲର୍ ।ଆଦିଙ୍କ୍ ମାୟଦେଙ୍କ୍ ନାରୁନ୍ ବେଗେ ମିନ୍ତେର୍ ମେଃକାନଙ୍କ୍ ପେୟତ୍‌ତର ।ବାଲେକି ଅର ବହୁତ୍ ଦୂରାମ୍ ତାକତର୍ । ନାରୁଙ୍କ୍ ମେଃକକି ମେଃକକି ବେଡିୟା ପେର୍‌ସ୍‌ତର୍ । ବାଲେକି ନାରୁଙ୍କ ଉଡନଙ୍କ୍ ତନ୍ଦର । ।

ତା'ପରେ ତୁମ୍ବାଟି ଗୋଟିଏ ଯାଗାରେ ଅଟକିଗଲା ତା'ପରେ ସେମାନେ ଭିତରୁ ବାହାରିଲେ । କାହାକୁ ଆଉ ପାଇଲେ ନାହିଁ । ତେଣୁ ସେମାନେ କେଉଁଠାରେ ମଣିଷ ଅଛନ୍ତି ଖୋଜିବାକୁ ବାହାରିଲେ । କିନ୍ତୁ ସେମାନେ ଏହିପରି ଚାଲିଥାନ୍ତି । ମଣିଷକୁ ଖୋଜି ଖୋଜି ବଡ଼ ହୋଇଗଲେ । କିନ୍ତୁ ମଣିଷର ସାକ୍ଷାତ ପାଇପାରିଲେ ନାହିଁ ।



ତା'ନ୍ ପେର୍କେ ସେମାନେ ବାଗ୍‌ୱାନ୍‌ତିଙ୍କ୍ କାରଙ୍ଗତର । ବାଗ୍‌ୱାନ୍ ଅରକିଙ୍କ୍ କେତ୍‌ତା ଯେ, ତ୍ ପୃଥିବୀତ୍ ବୁମ୍‌ତାଗ୍ ମେଣ୍ଡେ ନାରୁନ୍ ଇଲ୍‌ର । ତାନ ପେରକେ ବାଗ୍‌ୱାନ୍ ଅଡକିଙ୍ଗ ସଂସାର କିନ୍‌ଙ୍କ କେତ୍‌ତର ।

ତା'ପରେ ସେମାନେ ଭଗବାନକୁ ଡାକିଲେ । ଭଗବାନ୍ ସେମାନଙ୍କୁ କହିଲେ ଯେ, ପୃଥିବୀରେ ମଣିଷ କେହି ନାହାନ୍ତି ।ତା ପରେ ଭଗବାନ ସେମାନଙ୍କ ସଂସାର କରିବାକୁ କହିଲେ ।



ଅର୍ ଇଉଡକିଙ୍କ୍ ଏଇଓ୍ଡୁଡ୍ ମାର୍କ ପୁଟତର । ଅଡକିଙ୍ଗ୍ ପାଞ୍ଚ ପାଣ୍ଡଓ୍ୱଲ କେତ୍ତର ।

ସେ ଦୁଇଜଣଙ୍କ ପାଖର ପାଞ୍ଚ ପୁଅ ଜନ୍ମ ହେଲେ । ସେମାନଙ୍କୁ ପାଞ୍ଚ ପାଣ୍ଡବ କୁହାଗଲା ।



# ନେର୍‌ସାଟ୍‌ (ଶିଖ)



ପୁଙ୍ଗାର ତିଞ୍ଚ ରୋଜ କାଓ୍ୱଦାନାଦ୍‌ ପୁନୁଟ୍‌ (------୨ଥର)
ଭୁଙ୍ଗୁର୍‌ତିଞ୍ଚ ରୋଜ୍‌ ତିନ୍ଦାନାଦ୍‌ ପୁନୁଟ୍‌ । (-------୨ଥର)

ଫୁଲରୁ ନିତି ହସିବା ଶିଖ
ଭଅଁରୁ ନିତି ଖାଇବା ଶିଖ ।



ଉଙ୍ଗଂତା କମ୍ମାନଞ୍ଜୁ ପୁନ୍‌ନୁଟ୍‌ ରୋଜ୍‌ (-------୨ଥର)
ତାଲ୍ଲୁ ଓ୍ୱାଙ୍ଗ୍‌ସା ନାଦ୍‌ ।

ଗଛରୁ ନଇଁବା ଡ଼ାଳ ନିତି ଶିଖ
ମୁଣ୍ଡ ନୁହେଁଇବା ।



ପଡ଼ଦିନ୍‌ ଓ୍ୱେନେଲ୍‌ତି ପୁନ୍‌ନୁଟ୍‌ ରୋଜ୍‌
ପେୟତାନାଦ୍‌ ଗୁନ୍‌ ଡିଗ୍ଗାନାଦ୍‌

ସୂର୍ଯ୍ୟଙ୍କ କିରଣରୁ ଶିଖ
ଉଇଁବା ଆଉ ହସ୍ତହେବା

ଟଣ୍ଡା ନୁ ମାଡାମ୍‌କନସ୍‌
ପୁନ୍‌ନୁଟ୍‌ ସାରରି ଗାର୍‌ମଉରଙ୍ଗାନାଦ୍‌ ।

ଲତା ଆଉ ଗଛରୁ ଶିଖ
ସବୁକୁ ଆଲିଙ୍ଗନ କରିବା ।ବେସୁର

ଦୀପେତ୍‌ ଓ୍ୱେନ୍ନେଲତି ନାରସାଟ୍‌
ଶୀକାଡ୍‌ ଦୂରାମ୍‌ ଆଦାନାଦ୍‌ ।

ଦୀପ ଠୁଁ ଶିଖ ଯେତିକି ହୋଇ
ପାରିବ ଦୂର ଅନ୍ଧାର

ଧରତିନ୍‌ ଜୀଓ୍ୱାନ୍‌ ନାରସାଟ ସାତ୍‌ତେମ୍‌
ସେଓ୍ୱା କୀଦାନାଦ୍‌

ପୃଥିବୀ ଠୁଁ ଶିଖ ଜୀବଙ୍କ
ପ୍ରକୃତ ସେବା କରିବା ।





ପୋଙ୍ଗାନ୍ ଏର୍‌ଦି ନାର୍‌ସାଟ୍ ମୁନ୍ନେ
ବାଦ୍‌କୀନ୍ ଡା'କା ଓ୍ୱାଟାନାଦ୍ ।

ଜଳଧାରା ଠୁଁରୁ ଶିଖ ଆଗେ
ଜୀବନ - ପଥରୁ ବଢ଼ିବା ।

ଉମାତିଞ୍ ନାର୍‌ସାଟ୍ ଅର୍‌ଦେବ୍
ପର୍‌ର ତାର୍‌ରା ନାଦ୍

ଧୂଆଁଠୁ ଶିଖ ସଦା
ଉଚ୍ଚା ଆଡକୁ ଚଡିବା ।

ବେର୍‌ରା ନାରୀନ୍ ବାଦ୍‌କୀନି ନାର୍‌ସାଟ୍ ରୋଜ୍
ଚରିତ୍ରମ୍ ମାନ୍ଦା ନାଦ୍ ।

ସତ୍‌ପୁରୁଷଙ୍କ ଜୀବନଠୁଁ ଶିଖ
ଗଢ଼ିବା ଚରିତ୍ରବାନ୍ ।

ସନ୍ତା ଗୁରୁଜୀନାଗ୍ ନାର୍‌ସାଟ୍ ପିଲ୍ଲାନିର୍
ମେଲତା ବୁଦ୍ଧି ସାଦ୍‌ଓ୍ୱାନାଦ୍ ।

ନିଜ ଗୁରୁଟୁଁ ଶିଖ ପିଲେ
ଉତ୍ତମ ବିଦ୍ୟା ପଢ଼ିବା ।



# ଇଦ୍ ନାଓ୍ୱାଦେଶେମ
# (ଏଇ ମୋରଦେଶ)

ଓ୍ୱଡ଼ନ୍ଯ ମାବ୍ଭୀନ୍, ଲେ’ତା ଗାଲି୍,
ତିର୍ ତିର୍ ପଡ୍ଦିନ୍, ମେଲ୍ତାଓ୍ୱେଲା ।

ମୁକ୍ତ ଗଗନର ନରମ ପବନ,
କଅଁଳ ଖରାର, ସୁନ୍ଦର ପାଗ ।

ଓ୍ୱେନେଲ୍ ଲେଂଜିନ୍ ଉକ୍କା ଜିଗ୍ଜାଗ୍,
ଈ ଭାରତ ଦେଶେମ୍, ଇଦ୍ ନାଓ୍ୱା ଦେଶେମ୍ ।

ଚମ୍ ଚନ୍ଦ୍ର, ତାରା ତମ୍ ତମ୍,
ଏ ଭାରତ ଦେଶ, ଏଇ ମୋର ଦେଶ ।

ମାମ୍ମା ଇଗ୍ଗାଟ୍ ବୀର ସଂନ୍ତାନ୍
ଇଲ୍ଲି ମା’କୁ ସୁଡୁଟ୍ ଗୋହଟ୍କୁ ।

ଆମେ ଏଇଠିକାର ବୀର ସନ୍ତାନ
ନାହିଁ ମନରେ ଟିକେ ଅଭିମାନ ।





ପାର୍ୱା ଇଲ୍ଲି ସେତ୍ତା ଶିଗ୍ଗୁ
ଈମ୍ ମୈନ୍ତା ଯୋକା ପାରେମ୍ତି ।

ବାଧାନାହିଁ ମାନ ଅପମାନ
ଦିଅ ଶାନ୍ତି ମୈତ୍ରୀର ଦାନ ।

ସାର୍ରି ମାନେଇକ୍ ଦାଗ୍ଗେର୍ କୀଦିକାଲ
ଦୁନିୟା ତୋର୍କୁ କୁଟ୍ମା ସାମାଙ୍ଗ୍ କୀଦିକାଲ ।

ସବୁ ମାନବକୁ ଆପଣାର ମାନିବା
ଦୁନିୟାକୁ ବନାଇବା କୁଟୁମ୍ବ ସମାନ ।

ଶୂଡ଼ଣ୍ଡ ବେର୍ୟୋଣ୍ଡ, ଗିର୍ପୋ ଗର୍ପୋ,
ସାମାଙ୍ଗ୍ କୀସ୍ ଦାୟିକାଲ ।

ଛୋଟ ବଡକୁ ଖାଲ ଢିପକୁ
ସବୁକୁ ସମାନ ବନେଇ ଚଳିବା ।

ଅକ୍କାୱେଲା ତିପ୍ପା ୱାତ୍କେ
ପହସୀଦିକା ଜୀୱା ସାର୍ଦାଟ୍ ।

ଆସିବ ଯଦି କଷ୍ଟ ଦାୟକ
ବଳି ଦେବା ଜୀବନ ସରଦାରେ ।

ଫୁଟ୍ ୟାୟୋଙ୍କ୍ ଗେଲସ୍ୱାଟ୍ ତୋଡିନୀର୍
ଡଲ୍ଲି ଡଲ୍ଲିବା ଫୁଟିକାଲ ୱାସ୍ ।

ମାତୃଭୂମିକୁ ହିତ କର ବନ୍ଧୁ ମୋର
ମରି ମରିବି ଜନ୍ମିବା ଆସ ।



**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର